## ବରିଷ୍ଠ ନାଗରିକଙ୍କ ସମ୍ମାନ ପାଇଁ କାର୍ଯ୍ୟକ୍ରମ



ନବରଙ୍ଗପୁର,୩୧।୩(ସମିସ): ନବରଙ୍ଗପୁର ଏଲ୍ଆଇସି କଲୋନୀ ସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ 'ବରିଷ୍ଠ ନାଗରିକଙ୍କ ସମ୍ମାନ, ଶ୍ରେଷ୍ଠ ସମାଜର ପରିଚୟ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଦୂର ମାଉଣ୍ଟ ଆବୁ, ରାଜସ୍ଥାନରୁ ରାଜଯୋଗୀ ବ୍ରହ୍ମାକୁମାର ରୂପେଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ପରିବାରର ଭୂଷଣ ଓ ସମାଜର ମୂଲ୍ୟବାନ ସମ୍ପଦ। ସେମାନଙ୍କର ଅନୁଭବ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଅମୂଲ୍ୟ ଉତ୍ସ ଅଟେ। ବରିଷ୍ଠ ନାଗରିକମାନେ ନିଜକୁ କେବେ ଅବହେଳିତ ବା ଉପେକ୍ଷିତ ମନେ ନକରି 'ଫର୍ଗେଟ୍ ଆଣ୍ଡ ଫର୍ଗିଭ୍' ମନ୍ତ୍ରକୁ ଅନୁସରଣ କରିବାକୁ କୁହାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କଟକରୁ ବରିଷ୍ଠ ନାଗରିକ ତଥା ରାଜଯୋଗୀ ବାଲବ୍ରହ୍ମଚାରୀ ବ୍ରହ୍ମାକୁମାର ନଥମଲ, ବ୍ରହ୍ମାକୁମାର କପେଲେନ୍ଦ୍ର ସାସମଲ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ଅନୁଭବ ସମାଜର ବିଭିନ୍ନ ସମସ୍ୟାର ସମାଧାନ କରିବା କ୍ଷେତ୍ରରେ ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ନବରଙ୍ଗପୁର ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ନମିତା ଦିଦି ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମ କୁମାର ସର୍ବେଶ୍ୱର ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

## ଦୁଇ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ସମ୍ମାନ



ସେମିଲିଗୁଡ଼ା,୩୧।୩ (ସମିସ): ରୋଟାରୀ କ୍ଲବ ତରଫରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟସ୍ତରୀୟ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୩୧ ଜଣ ପ୍ରତିଭାଶାଳୀ ଶିକ୍ଷକଙ୍କ 'ନେସନ ବିଲ୍ଡର ଅୱାର୍ଡ' ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତି ଓ ସମାଜସେବାରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଏହି ସମ୍ମାନ ଦିଆଯାଇଥିବା ସୂଚନା ମିଳିଛି। ଏ ମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲାର ଦୁଇଜଣ ଶିକ୍ଷକ ଏହି ଗୌରବ ଅର୍ଜନ କରିଛନ୍ତି। ସେମାନେ ହେଲେ ତପନ କୁମାର ପରିଡା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗୁମୁଡ଼ା (କୋଟପାଡ) ର ସଂସ୍କୃତ ଶିକ୍ଷକ, ଏବଂ ଜ୍ୟୋତିରଞ୍ଜନ ନନ୍ଦ, ଜୁନିଅର ରେଡକ୍ରସ ର ଜିଲ୍ଲା ସାଧନ କର୍ମୀ ତଥା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପରଜା ମୁଠାଇ (ସେମିଲିଗୁଡା) ର ସଂସ୍କୃତ ଶିକ୍ଷକ। ଏହି ଶିକ୍ଷକ ଦୁହେଁ, ତାଙ୍କର ନିଷ୍ଠାପୂର୍ଣ୍ଣ ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ପ୍ରତି ସମର୍ପଣ ଓ ସମାଜସେବାରେ ସକ୍ରିୟ ଭୂମିକା ପାଇଁ ପରିଚିତ। ସେମାନଙ୍କ ଏହି ସଫଳତା କୋରାପୁଟ ଜିଲ୍ଲାର ଗୌରବକୁ ବଢ଼ାଇଥିବା ସହ ଅନ୍ୟ ଶିକ୍ଷକମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇଛି। ଏହି ସଫଳତା ପାଇଁ ଶ୍ରୀ ନନ୍ଦ ଏବଂ ଶ୍ରୀ ପରିଡ଼ାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଟ୍ରାନ୍ସଜେଣ୍ଡରର ଅଧିକାର ଦିବସ

ମାଲକାନଗିରି, ୩୧।୩(ସମିସ): ଆଜି ସାରା ଓଡ଼ିଶା ସହିତ ଦେଶବ୍ୟାପୀ ଟ୍ରାନ୍ସଜେଣ୍ଡରର ଅଧିକାର ଦିବସ ପାଳିତ ହୋଇଛି। ଏହି କ୍ରମରେ ମାଲକାନଗିରି ଜିଲ୍ଲାରେ ମଧ୍ୟ ଟ୍ରାନ୍ସଜେଣ୍ଡରର ଅଧିକାର ଦିବସ ପାଳନ କରାଯାଇଥିବା ସହ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଆଲୋଚନା ସଭା ଓ ଶୋଭାଯାତ୍ରାର ଆୟୋଜିତ ହୋଇଥିଲା। ଜିଲ୍ଲା ସଦର ସ୍ଥିତ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ଓ ବହୁ ଟ୍ରାନ୍ସଜେଣ୍ଡର ମାନେ ଉପସ୍ଥିତ ହୋଇ ଏହି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୭୫ଜଣ ନିଜ ନାମ ପଞ୍ଜୀକରଣ କରିଛନ୍ତି। ସେମାନେ ଭତ୍ତା, ଚାଉଳ ଜମି ଓ ଗ୍ରୁପ୍ ମାଧ୍ୟମରେ ୫୦୦୦୦ ଟଙ୍କା ଲେଖାଏଁ ସହଯୋଗ ପାଇଛନ୍ତି। କେତେ ଜଣ ସିକ୍ୟୁରିଟି ଗାର୍ଡ ପରି ବିଭିନ୍ନ କମ୍ପାନୀ ରେ ଓ ଦୋକାନ ମାନଙ୍କରେ କାର୍ଯ୍ୟକରି ବେଶ୍ ଭଲ ରୋଜଗାର କରୁଛନ୍ତି। ବାଲିମେଳାରେ ୧୨ଜଣଙ୍କୁ ଘର ତିଆରି ପାଇଁ ଜମି ଦିଆଯାଇଛି। ଅନ୍ୟ ସ୍ଥାନ ମାନଙ୍କରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ସେମାନେ ନିଜ ମନୋରଞ୍ଜନ ଓ ସଭା ସମିତି କରିବା ପାଇଁ ଏକ କମ୍ୟୁନିଟ୍ ହଲ୍ ଦାବି କରିଛନ୍ତି। ଏ ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ପୂଜାରୀ ପ୍ରକାଶ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର

କଲ୍ୟାଣସିଂହପୁର,୩୧।୩(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ମାଝିଗୁଡା ପଞ୍ଚାୟତର ସଦର ମହକୁମାର ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ କ୍ଲଷ୍ଟର ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିକ୍ଷକ ପ୍ରଶିକ୍ଷଣ ତାଲିମ ଶିବିର ଆଞ୍ଚଳିକ ସାଧନ ସଂଯୋଜକ ଶରତ କୁମାର କରକରିଆଙ୍କ ନେତୃତ୍ୱରେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମ୍ବଳେନ୍ଦୁ ଗେଇନଙ୍କ ଜରିଆରେ ଏହି ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମାଝୀଗୁଡା କ୍ଲଷ୍ଟରରେ ୧୦ ବିଦ୍ୟାଳୟର ୧୦ ଜଣ ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ଦୁଇଦିନଆ ତାଲିମ ପ୍ରଧାନ କରାଯାଇଥିଲା। ଏହି କର୍ମଶାଳାରେ ଦଳଭିତ୍ତିକ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ତାହାର ପ୍ରଦର୍ଶନ କରିଥିଲେ।

### ସହିଦ ଜଗବନ୍ଧୁ ପରିବାରକୁ ସମ୍ମାନିତ କଲା ପୁଲିସ ପ୍ରଶାସନ

# ହାତଗୋଡ଼ ବାନ୍ଧି ମାଟିରେ ପୋତି ଦେଇଥିଲେ ମାଓବାଦୀ

ନାରାୟଣପାଟଣା,୩୧।୩(ସମିସ): ମାଓବାଦୀଙ୍କ ହାତରେ ପ୍ରାଣ ହରାଇଥିବା ନାରାୟଣପାଟଣା ବ୍ଲକ ଡୁମୁସିଲି ଗାଁର ସହିଦ ଜଗବନ୍ଧୁ ତାଡିଙ୍ଗୀ ପରିବାରକୁ ଭେଟି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କୋରାପୁଟ ପୁଲିସ। ଆଜି କୋରାପୁଟ ପୁଲିସ ତରଫରୁ ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ କୁମାର ବେହେରା, ଥାନା ଅଧିକାରୀ ମମତା ପଣ୍ଡା, ଏସ୍‌ଆଇ ନରସିଂହ ପାଢ଼ୀ, ଏସ୍‌ଆଇ ରମେଶ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ସହିଦ ଗ୍ରାମରକ୍ଷୀ ଜଗବନ୍ଧୁ ତାଡିଙ୍ଗୀ ପରିବାରକୁ ଭେଟି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଓଡ଼ିଶା ପୁଲିସ ତରଫରୁ ଏକ ସ୍ମୃତି ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଫୁଲତୋଡ଼ା, ସ୍ମାରକୀ ସହ ମିଠାଫଳ, ଶାଢୀ. ଖେଳନା, ଆସବାବପତ୍ର ପ୍ରଦାନ କରାଯାଇଛି। ନାରାୟଣପାଟଣା ବ୍ଲକରେ ଯେତେବେଳେ ମାଓବାଦୀ ,ଚାଷୀ ମୂଲିଆ ଆଦିବାସୀ ସଂଘର ଦବଦବା ଆତଙ୍କରାଜ ଚାଲିଥିଲା, ସେତେବେଳେ ବଳି ପଡିଥିଲେ ଜଗବନ୍ଧୁ ତାଡିଙ୍ଗୀ। ସେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ ଇନଫର୍ମର ସନ୍ଦେହରେ ୨୦୦୯ ଡିସେମ୍ବର ୩୧ ତାରିଖ ରାତିରେ ତାଙ୍କୁ ହାତଗୋଡ଼ ବାନ୍ଧି ହତ୍ୟା କରି ପୋତି ଦିଆଯାଇଥିଲା। ହତ୍ୟାର ୬ ମାସ ପରେ ଶବ ପାଇଥିଲେ ପରିବାର ଲୋକେ। ଆଜି ବି ମନରେ ଭୟ ଜାରି ରହିଛି। ନିଜ



ଜନ୍ମ ମାଟିକୁ ଆଉ ଫେରିନାହାନ୍ତି ପରିବା ଲୋକେ। ବିସ୍ଥାପିତ କଲୋନୀରେ ତିନି ଭଉଣୀ ,ତିନି ଭାଇ ମାଁ ସହ ଘର କରି ରହିଆସିଛନ୍ତି ଜଗବନ୍ଧୁର ପରିବାର। ବହୁ ଅଭାବ ଅସୁବିଧାରେ ରହିଛନ୍ତି ସେମାନେ। ଜଗବନ୍ଧୁଙ୍କ ସ୍ମୃତି ପାଇଁ ଯୁକ୍ତ ଦୁଇ ପାସ୍ କରି ବେକାର ଥିବା ବଡ଼ ପୁଅ ବାପି ତାଡିଙ୍ଗିଙ୍କୁ ଗୃହରକ୍ଷୀ ଭାବେ ପୁଲିସ ବିଭାଗରେ ନିଯୁକ୍ତି ଦେଲେ, ହୁଏତ ପରିବାର ପୋଷଣ କରିହେବ ବୋଲି ଏସ୍‌ଡିପିଓ ମନୋଜ କୁମାର ବେହେରାଙ୍କୁ ଅନୁରୋଧ କରିଥିଲେ ପରିବାର ବର୍ଗ। ଦୁଃଖ ଦୁର୍ଦ୍ଦିନରେ ଚଳୁଥିବା ଜଗବନ୍ଧୁର ପରିବାର ପୁଲିସର ସହାୟତା ଅପେକ୍ଷାରେ। ଅନ୍ୟପଟେ ପରିବାର ବର୍ଗର ଦୁଃଖ ଶୁଣି ଏସ୍‌ଡିପିଓ ମନୋଜ କୁମାର ବେହେରା କହିଛନ୍ତି ଯେ ଗୃହରକ୍ଷୀ ପଦବୀ ପୁରଣ ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବି। ଯଥା ସମ୍ଭବ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ।

## ପ୍ରଶାସନର ଚଢ଼ଉ, ୭ ସିଲିଣ୍ଡର ଜବତ

ପାପଡାହାଣ୍ଡି,୩୧।୩(ସମିସ): ଆଜି ପାପଡାହାଣ୍ଡି ଗ୍ରାମରେ ପ୍ରଶାସନ ପକ୍ଷରୁ ଚଢ଼ଉ କରି ୭ ଟି ଖାଲି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଯାଞ୍ଚ ସମୟରେ ସେ କୌଣସି ପ୍ରମାଣ ଦେଖାଇପାରିନଥିଲେ। ଚଢ଼ଉ ସମୟରେ ସିଏସଓ ଦେବାଶିଷ ମହାନ୍ତି, ଏସିଏସଓ ବିଷ୍ଣୁ ପ୍ରସାଦ ପ୍ରଧାନ, ଏସିଏସଓ ପୂର୍ଣ୍ଣ ଚନ୍ଦ୍ର ଦାସ, ପାପଡାହାଣ୍ଡି ଏମଆଇ ସିପ୍ରା ସାସମଲ, ତେନ୍ତୁଳୀଖୁଣ୍ଟି ଏମଆଇ ରୋହିତ କୁମାର ମାଝୀ, ଝରୀଗାଁ ଏମଆଇ ସଚିନ୍ମୟୀ ରଥ ଓ କୋଷାଗୁମୁଡା ମାନସ ରଞ୍ଜନ ଜେନା ପ୍ରମୁଖ ସାମିଲ ଥିଲେ।

## ୱାକର୍ସ କ୍ଲବର ଅନ୍ତର୍ଜାତୀୟ କାଉନ୍‌ସିଲ

ରାୟଗଡ଼ା,୩୧।୩(ସମିସ): ରାୟଗଡ଼ା ସହରର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ୧୬୬ ତମ ଅନ୍ତର୍ଜାତୀୟ କାଉନସିଲ ବୈଠକ ଅନ୍ତର୍ଜାତୀୟ ସଭାପତି ଡକ୍ଟର ପି. ରବି ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୱାକର ଏମ୍. ପ୍ରଭାବତୀ ଓ ୱାକର ରବି କ୍ରିଷ୍ଣା ରାଓ ଏବଂ ଅନ୍ୟ ଆନ୍ତର୍ଜାତୀୟ କର୍ମକର୍ତ୍ତାମାନେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଥିଲେ। ସତ୍ୟବାଦୀ ପତି , ଅଭିମନ୍ୟୁ ନାୟକ, ଟି. ଜୟରାମ, କିଶୋର ଚନ୍ଦ୍ର ପଣ୍ଡା, ପ୍ରତାପ ଚନ୍ଦ୍ର ବାଉରି ,ଶଙ୍କର୍ଷଣ ମଙ୍ଗରାଜ,ଇଂ ସୁନୀଲ ଚନ୍ଦ୍ର ପଣ୍ଡା (ପିପି ), ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି,ଦାଶରଥି ରାଜଗୁରୁ , ବଳରାମ ଚୌଧୁରୀ ଡକ୍ଟର ବାବୁରାଓ ମହାନ୍ତ, ଜଳନ୍ଧର ପୁଷିକା,ରୁଦ୍ର ପ୍ରସାଦ ଚୌଧୁରୀ , ରାଜେନ୍ଦ୍ର କୁମାର ସାହୁ,ଲାଲ ବିହାରୀ ଲେଙ୍କା, ୱାକର ବିଶ୍ୱନାଥ ସାହୁ, ୱାକର ତ୍ରିପତି ପଣ୍ଡା , ହରିଶ୍ ଚନ୍ଦ୍ର ଶବର, କାଣ୍ଡୁ ରାମାରାଓ , ଅଶୋକ କୁମାର ପାଢ଼ୀ, ପ୍ରଦୀପ୍ତ ପାତ୍ର, ଏମ୍ ହରି ପ୍ରସାଦ, ଆନନ୍ଦ କୁମାର ସେନାପତି ତଥା ହଷ୍ଟ୍ କ୍ଲବ୍ ର ବହୁ ସଦସ୍ୟ ଯୋଗ ଦେବା ସଙ୍ଗେ ସଙ୍ଗେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ହଷ୍ଟ୍ କ୍ଲବ୍‌ର ସଭାପତି ବ୍ରଜ ସୁନ୍ଦର ନାୟକ ସମସ୍ତ ସମ୍ମାନୀତ ଅତିଥିମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିଲେ। ହଷ୍ଟ୍ କ୍ଲବ୍ ର ସମ୍ପାଦକ ମନ୍ମଥ ତୁଳ କ୍ଲବର ପ୍ରାର୍ଥନା ପଢ଼ି ଥିଲେ। ବିଶ୍ୱ ଶାନ୍ତି ପାଇଁ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ଲବ୍ ର ସର୍ବାଙ୍ଗୀନ ଉନ୍ନତି ପାଇଁ ସଭାପତି ତଥା କାଉନସିଲର ଏବଂ ଅନ୍ୟ ସମ୍ମାନୀତ ଅତିଥିମାନେ ନିଜ ନିଜର ମତାମତ ରଖିଥିଲେ। ଶେଷରେ ହଷ୍ଟ୍ କ୍ଲବ୍ ର ସଭାପତି ୱାକର ବ୍ରଜ ସୁନ୍ଦର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଁ ଗଙ୍ଗା ଦେବୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ

ଟିକିରି,୩୧।୩(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରିର ଅଧିଷ୍ଠାତ୍ରୀ ଦେବୀ ମାଁ ଗଙ୍ଗାଦେବୀ ଠାକୁରାଣୀ ଚଳିତ ମାସ ୨୩ତାରିଖ ସୋମବାର ଦିନ ଘଣ୍ଟ ଯାତ୍ରା ଆରମ୍ଭ ହୋଇ ଯାଇଥିଲା। ୯ ଦିନର ଯାତ୍ରା ପରେ ଆଜି ମଙ୍ଗଳବାର ଦିନ ବିଦାୟ ନେଲେ ମାଁ। ମନ୍ଦିରର ପୁଜକ ଉମାଶଙ୍କର ଦଣ୍ଡସେନା ଗତ ଶମବାର ଦିନ ନିକଟସ୍ଥ ଆମ୍ବଗଛରୁ ମାଁଙ୍କ ପାଦ ବାଜା ମହୁରିରେ ମାଙ୍କୁ ସ୍ୱାଗତ କରିଥିଲେ। ଏହି ଯାତ୍ରା ନଅ ଦିନ ଧରି ଚାଲି ଆସୁଥିବା ବେଳେ ଗତକାଲି ଅର୍ଥାତ ଶମବାର ଦିନ ସକାଳୁ ମାଁ ନିଜ ମାଉସୀ ଘରକୁ ଟିକିରି ଠାରୁ କିଦିରି ପଦର ଗ୍ରାମକୁ ୧୦ କିଲୋମିଟର ଯାଇଥିଲେ। ମାଉସୀ ଘରକୁ ଯିବା ବାଟରେ ପାଖାପାଖି ଚାରୋଟି ଗ୍ରାମର ଭୋଗ ଖାଇଥାନ୍ତି। ମାଉସୀ ଘରକୁ ପହଞ୍ଚି ସେଠାରେ ଥିବା କୁମ୍ଭାର ଶାଳ ରେ ଗରମ ପାଉଁଶରେ ଖେଳିଥାଆନ୍ତି। ଏହା ପରେ ସେଠାରେ ମାଉସୀ ଘର ଭୋଗ ଖାଇ ପୁଣି ସନ୍ଧ୍ୟା ସମୟରେ ସେଠାରୁ ବାହାରି ଥାଆନ୍ତି। ପୁଣିଥରେ ସେହି ଭଳି ପ୍ରତ୍ୟେକ ସାହି ଓ ଗ୍ରାମର ଭୋଗ ଖାଇ ନିଜ ମନ୍ଦିରକୁ ରାତ୍ରି ଦୁଇଟା ସମୟରେ ପହଞ୍ଚି ଥିଲେ। ଏହି ଅବସରରେ ଯାତ୍ରା ପଡିଆ ଠାରେ ରାମାୟଣ ନାଟକ ପରିବେଶଣ ହୋଇଥିଲା। ମାଁ ଙ୍କ ଅସ୍ଥାୟୀ ମଣ୍ଡପରେ ରହିଥାନ୍ତି। ଏହ ସମୟରେ ମନ୍ଦିର ପାଖରେ ବିଭିନ୍ନ ସ୍ଥାନୀୟ ଯୁବକ ମାନଙ୍କ ଦ୍ୱାରା ବିଭିନ୍ନ ବେସଭୂସାରେ ନୃତ୍ୟ କରନ୍ତି। ଦୁଇଟି ଶାବଳକୁ ନିଆଁରେ ଏପରି ଗରମ କରନ୍ତି ଯେପରି ସାବଳଟି



ସମ୍ପୂର୍ଣ୍ଣ ଲାଲ ହେବା ପରେ ଯୁବକ ମାନେ ନିଜ ହାତରେ ଜଡ଼ା ତେଲ ଲଗାଇ ସେହି ସାବଳକୁ ଧରି ଥାଆନ୍ତି। ଏହା ପରେ ବାଘ ବେସ, ଘୋଡାନାଚ,ରାଜାରାଣି,ଦୁର୍ଗା, କାଳିକା ଆଦି ବେଶ ଧରି ବିଭିନ୍ନ ପ୍ରକାର ନୃତ୍ୟ କରନ୍ତି। ଯିଏ ଯାହା ମାନସିକ ରଖିଥାନ୍ତି ସେହି ମାନସିକ ପୂର୍ଣ ହେଲେ ପାରା, କୁକୁଡା, ଛେଳି ବଳି ଦିଆଯାଇ ଥାଏ। ଶେଷରେ ଗୁଡି ମନ୍ଦିରରେ ମାଁଙ୍କୁ ବିଷର୍ଜନ କରିଥିଲେ। ମାଁ ପାଦ ଆସିବା ଓ ଯିବା ସମୟରେ ବେଣ୍ଡବାଜା,ବାଣ ରେ ଟିକିରି ବଜାର ପ୍ରକମ୍ପିତ ହୋଇଥିଲା

## ବିଜୁ ବାବୁଙ୍କ ପ୍ରତି ମନ୍ତବ୍ୟକୁ ଯୁବ ବିଜେଡ଼ିର ନିନ୍ଦା

କୋରାପୁଟ,୩୧।୩(ସମିସ): ଓଡ଼ିଶାର ବରପୁତ୍ର ମହାନ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିଷୟରେ କଟୁ ମନ୍ତବ୍ୟ ଦେଇ ସାରା ଦେଶରେ ନିନ୍ଦିତ ହୋଇଥିବା ଭାରତୀୟ ଜନତା ପାର୍ଟିର ସାଂସଦ ନିଶିକାନ୍ତ ଦୁବେଙ୍କୁ କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ପକ୍ଷରୁ ବିରୋଧ କରାଯାଇଛି। ଶ୍ରୀ ଦୁବେଙ୍କୁ ଜଣେ ଭ୍ରଷ୍ଟ ନେତା ଏବଂ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ଅଭିଯୁକ୍ତ ବୋଲି ନିନ୍ଦା କରିବା ସହ ତାଙ୍କର କୁଶ ପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ଲଲାଟ ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ଛକରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରଫୁଲ୍ଲ ପାଙ୍ଗି, ପ୍ରଭୁ ଜାନି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା କାର୍ଯ୍ୟକାରୀ



ସାଂସଦ ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ

ସଭାପତି ପ୍ରସାଦ ବିଡ଼ିକା,ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, କାର୍ଯ୍ୟକାରୀ ସଭାନେତ୍ରୀ ଉର୍ମିଳା ମୁଦୁଲି,କୋରାପୁଟ ନଗର ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, କାଉନସିଲର କାଦମ୍ବିନୀ ସେଠୀ, ବିଜେଡି ନେତ୍ରୀ ଗୀତା ମୁଦୁଲି, ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ସାଉନ୍ତା, ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନି, ବ୍ଲକ ସଭାପତି ମଣ୍ଟୁ ବେନିଆଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ବିଜେପି ଓ ସଂସଦ ଦୁବେଙ୍କ ବିରୋଧରେ ନାରାବାଜି କରି ସାଂସଦ ପଦରୁ ଇସ୍ତଫା ଦାବି କରିଥିଲେ। ଝାଡ଼ଖଣ୍ଡରୁ ନିର୍ବାଚିତ ସାଂସଦ ଦୁବେ ବିଜୁ ବାବୁଙ୍କ ସମ୍ପର୍କରେ କିଛି ନଜାଣି ଏଭଳି ଅପମାନଜନକ ଟିପ୍ପଣୀ ଦେବା ଓଡ଼ିଶାବାସୀ କେବେ ମଧ୍ୟ ଗ୍ରହଣ କରିବେ ନାହିଁ। ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନେତାଙ୍କ ସମେତ ପ୍ରଧାନ ମନ୍ତ୍ରୀ, ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ମନ୍ତ୍ରୀ ଏବଂ ସାଂସଦ ମାନେ ଓଡ଼ିଶାବାସୀଙ୍କୁ କ୍ଷମା ମାଗିବା ଉଚିତ ବୋଲି ଜିଲ୍ଲା ସଭାପତି ଝିନ୍ନ ହିକକା ଓ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଦାବି କରିଥିବା ବେଳେ ଯୁବ ବିଜେଡ଼ି ସଭାପତି ଏବଂ ମହିଳା ସଭାନେତ୍ରୀ ଦୁବେଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ଯୁବ ନେତା ଈଶ୍ୱର ଆଲାଡା, ଦଶମନ୍ତପୁର ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ଜିଲ୍ଲା ସମ୍ପାଦକ ଲକ୍ଷ୍ମଣ ମୁଦୁଲି,କାଉନସିଲର ମାଲେଶ୍ୱର ରାଓ, ପ୍ରଫୁଲ୍ଲ ମହାପାତ୍ର ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ।

■ କୃତ୍ରିମ ବୁଦ୍ଧିମତା ଦକ୍ଷତା ବିକାଶ କର୍ମଶାଳା

## ପ୍ରଶାସନକୁ ଲୋକାଭିମୁଖୀ କରିପାରିବ ଏଆଇ

ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି,୩୧।୩(ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଶୋକ ମେହେଟା କନଫରେନ୍ସ ହଲ ଠାରେ ଦିନିକିଆ କୃତ୍ରିମ ବୁଦ୍ଧିମତା ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ଓକେସିଏଲ ଦ୍ୱାରା ପରିଚାଳିତ ହୋଇଥିଲା। ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ପ୍ରୟୋଗ ମାଧ୍ୟମରେ ଜିଲ୍ଲାବାସୀଙ୍କୁ କିଭଳି ଉନ୍ନତ ସେବା ଯୋଗାଇ ଦିଆଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଓକାକ ତଥା ଇଲେକ୍ଟ୍ରୋନିକ୍ସ ସୂଚନା ତଥା ପ୍ରଯୁକ୍ତି ବିଦ୍ୟା ବିଭାଗ ତରଫରୁ ଏହି କର୍ମଶାଳା ଆୟୋଜିତ ହୋଇ ଏହାର ଉଦ୍ଦେଶ୍ୟ ବିଷୟରେ ଆଲୋଚନା ହୋଇଥିଲା । ଟ୍ରେନିଂ କୀଟ୍ ବଣ୍ଟାଯିବା ପରେ ପ୍ରଶାସନିକ କ୍ଷେତ୍ରରେ ଏଆଇର ପ୍ରସଙ୍ଗିକତା, ଏହାର ମୂଳ ଧାରଣା, ଶାସନ କ୍ଷେତ୍ରରେ ବ୍ୟବହାର ଆଦି ବିଷୟ ନେଇ ବିଭିନ୍ନ ଉଦାହରଣ ପ୍ରଦର୍ଶନ କରାଯାଇଥିଲା। ଓକେସିଏଲ ପକ୍ଷରୁ ଆସିଥିବା ପ୍ରଶିକ୍ଷକ ଆକାଶ ବେହେରା, ଦେବାଶିଷ ରେଡି ଏ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଡିଜିଏମ ସୌଭାଗ୍ୟ ରଞ୍ଜନ ନାୟକ, ସାଧାରଣ ବିଭାଗ ଏଡିଏମ ତପନ କୁମାର ଖୁଣ୍ଟିଆ, ରାଜସ୍ୱ ଏଡିଏମ ବିଶ୍ୱଜିତ ବର୍ମାନଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦାବି ପୂରଣ ନହେଲେ ବିଜେଡିର ଆନ୍ଦୋଳନ ଧମକ

ମାଲକାନଗିରି,୩୧।୩(ସମିସ): ମାଲକାନଗିରି ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ମାନସ ମାଡକାମୀ ଅଧ୍ୟକ୍ଷତା କରି ଜିଲ୍ଲାର ବିଭିନ୍ନ ଜନସମସ୍ୟା ଉପରେ ୧୧ଟି ମୁଖ୍ୟ ଦାବି ଉଠାଇଥିଲେ। ସେ କହିଥିଲେ ଯେ, ଜିଲ୍ଲାର ଅନେକ ଆଦିବାସୀ ପରିବାର ଆଜିପର୍ଯ୍ୟନ୍ତ ଜଙ୍ଗଲ ଜମି ପଟ୍ଟା ପାଇ ପାରିନାହାନ୍ତି, ଫଳରେ ଗରିବ ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଏହା ସହ ଜିଲ୍ଲାରେ ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଅଭାବ ଲୋକମାନଙ୍କ ଦୈନିକ ଜୀବନକୁ ବିପର୍ଯ୍ୟସ୍ତ କରୁଛି। ଆରଡି ବିଭାଗ ଦ୍ୱାରା ଚାଲୁଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକ ନିମ୍ନମାନର ହେଉଥିବା ସହ ଅନେକ ସ୍ଥାନରେ ଅର୍ଥ ଅପବ୍ୟୟ ହେଉଥିବା



ଅଭିଯୋଗ ମଧ୍ୟ ସେ ଉଠାଇଥିଲେ। ସେହିପରି ଆଇଟିଡିଏର ବିଭିନ୍ନ ପ୍ରକଳ୍ପ ଉପରେ ଯଥେଷ୍ଟ ତଦାରଖ ହେଉନଥିବାରୁ ଆଦିବାସୀ ଅଞ୍ଚଳର ଉନ୍ନତି ଅବରୋଧିତ ହେଉଛି ବୋଲି ସେ କହିଥିଲେ। ବିଶେଷ କରି ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ବିଜେପିସମ୍ପର୍କିତ ନେତା ଓ କର୍ମୀଙ୍କୁ ପ୍ରାଧାନ୍ୟ ଦେଇ ଠିକା କାମ ବଣ୍ଟନ କରାଯାଉଛି, ଯାହା ଲୋକତାନ୍ତ୍ରିକ ପ୍ରଣାଳୀକୁ ହାନି କରୁଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ ସେ ଦାବି କରିଥିଲେ। ସେଇପରି ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସେମାନଙ୍କ ଅଧିକାର ସଠିକ ଭାବରେ ଦିଆଯାଉନଥିବା ନେଇ ମଧ୍ୟ ଚିନ୍ତା ପ୍ରକାଶ କରି, ପଞ୍ଚାୟତ ତନ୍ତ୍ରକୁ ସକ୍ରିୟ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହାସହିତ ଜିଲ୍ଲାରେ ରାସ୍ତା, ପାଣି, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାର ଅବସ୍ଥା ସୁଧାରିବାକୁ ମଧ୍ୟ ଦଳ ପକ୍ଷରୁ ଦାବି ଉଠାଯାଇଥିଲା। ଏହି ସମସ୍ତ ଦାବି ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିବା ବେଳେ, ଆସନ୍ତା ଏକ ସପ୍ତାହ ମଧ୍ୟରେ ଯଦି ସଠିକ ପଦକ୍ଷେପ ନ ନିଆଯାଏ, ତେବେ ବିଜେଡି ଦଳ ରାଜପଥରେ ତୀବ୍ର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ଟାଙ୍ଗୁଲ, ପୌର ଉପଧ୍ୟକ୍ଷା କବିତା ମହନ୍ତ, ଜିଲ୍ଲା ଯୁବ ସଭପତି ଶ୍ରୀନିବାସ ମୁଦୁଲି, ଦଳର ବରିଷ୍ଠ ଗୋପାଳ ପଣ୍ଡା, ଘନଶ୍ୟାମ ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ନାୟକଙ୍କ ସହ ଅନ୍ୟ ଦଳୀୟ ନେତା, ଜିଲ୍ଲା ପଦାଧିକାରୀ ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଆନ୍ଧ୍ରର ରାସ୍ତା କାମ ବନ୍ଦ କଲା ଓଡ଼ିଶା ପ୍ରଶାସନ

ରାୟଗଡ଼ା, ୩୧।୩(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ କେରେଡ଼ା ପଞ୍ଚାୟତ ଅନ୍ତର୍ଗତ ବୋରହାଲୁଆ ଗ୍ରାମକୁ ପଡୋଶୀ ଆନ୍ଧ୍ର ପ୍ରଶାସନ ପକ୍କା ସଡ଼କ ନିର୍ମାଣ କରି ଚାଲିଥିଲା। ଏ ନେଇ ଖବର ପାଇ ରାୟଗଡା ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ଉପସ୍ଥିତ ଥିବା ଆନ୍ଧ୍ର ପ୍ରଶାସନର ଅଧିକାରୀଙ୍କୁ ତାଗିଦ କରିବା ସହ ଓଡିଶା ସୀମାରେ ବେଆଇନ କାମକୁ ବନ୍ଦ କରିଥଲେ। ଆନ୍ଧ୍ର ଅଧିକାରୀ ମାନେ ଅନୁପ୍ରବେଶ କରି ଓଡିଶା ସୀମାରେ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଥିଲା । ରାୟଗଡା ଜିଲ୍ଲା ସୀମାନ୍ତରେ ଥିବା ବୋର୍ ହାଲୁଆ ଏବଂ ଆମ୍ବଲବାଲାସା ଗ୍ରାମକୁ ପକ୍କା ସଡ଼କ ନ ଥିବାରୁ ଏହି ଦୁଇ ଗ୍ରାମବାସୀ ଗମନାଗମନ ପାଇଁ ବର୍ଷ ବର୍ଷ ଧରି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଓଡିଶା ସୀମାରେ ନିଜ ଆଧିପତ୍ୟ ବିସ୍ତାର କରିବା ପାଇଁ ଆନ୍ଧ୍ର ପ୍ରଶାସନ ଏହାର ସୁଯୋଗ ନେଇ ଏହି ଅଞ୍ଚଳକୁ ରାସ୍ତା ନିର୍ମାଣ କରୁଥିବା ବେଳେ ବୋର୍ ହାଲୁଆ ଗ୍ରାମବାସୀ ମାନେ କୌଣସି ପ୍ରତିବାଦ କରି ନଥିଲେ। ଆନ୍ଧ୍ରର ରେବା ଗ୍ରାମକୁ ଯିବା ପାଇଁ ଆନ୍ଧ୍ର ପ୍ରଶାସନର କୌଣସି ରାସ୍ତା ନାହିଁ ତେଣୁ ଓଡ଼ିଶାର କେରେଡ଼ା ପଞ୍ଚାୟତର ବୋର୍ ହାଲୁଆ ଗ୍ରାମ ଦେଇ ଏହି ରେବା ଗ୍ରାମକୁ ଯିବାକୁ ହୋଇଥାଏ । ଏ ନେଇ ରାୟଗଡା ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁଙ୍କୁ ପ୍ରତିକ୍ରିୟା



ନେବାରୁ ରାସ୍ତା ନିର୍ମାଣ ସମ୍ପର୍କରେ ଜିଲ୍ଲାପାଳ ଘଟଣାକୁ ତଦାରଖ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ଘଟଣାସ୍ଥଳରେ ପହଞ୍ଚି ଆନ୍ଧ୍ର ଅଧିକାରୀଙ୍କୁ ଓଡିଶା ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ତାଗିଦ କରିବାରୁ ସେମାନେ ବନ୍ଦ କରିଦେଇଥିଲେ। ଏହି ଅଞ୍ଚଳରେ ଓଡିଶା ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଥିବା ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଥିବା ତହସିଲଦାର ଶ୍ରୀମତି ସ୍ୱାଇଁ ପ୍ରକାଶ କରିଛନ୍ତି। ତେବେ ସୀମାନ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ ନାମରେ ପଡୋଶୀ ଆନ୍ଧ୍ର ସରକାର ଏବେ ଜିଲ୍ଲାର ସୀମାନ୍ତ ବର୍ତ୍ତି ଅଞ୍ଚଳକୁ ଅକ୍ତିଆର କରିବାକୁ ଯୋଜନା କରୁଛି କି ବୋଲି ସ୍ଥାନୀୟ ଗ୍ରାମବାସୀ ଓଡ଼ିଆ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି

